# ଫରିଆଦ

କବି ରଘୁନାଥ ଦାସ

ଖଣ୍ଡା ଝୁଲେ ଶିର୍‌କାପର୍,

ଫଶୀର ରସି ଗଳାକା ହାର,

ଲକ୍ଷେ ଟଙ୍କା ପୁରସ୍କାର ।

ମରଦ ସିଂ ବା ତା' ମୁର୍ଦ୍ଦାର,

ଲକ୍ଷେ ଟଙ୍କା ପୁରସ୍କାର ।

ମରଦ ସିଂ... ଡାକୁ ସର୍ଦ୍ଦାର

ଖୁନ୍ କରେ, ଲୁଟ କରେ, ମଣିଷ ମାରେ;

ମରନ ସିଂ...... ଧନିକ ଥରେ, ପୁଲିସ ଡରେ

ମରନ ସିଂ.......ମଣିଷ ମାରିପାରେ!!

ସର୍କାର କହେ-

ଗ୍ରେପ୍ତାର କର ଗ୍ରେପ୍ତାର ।

ଖୁନ୍ କରେ, ଲୁଟ କରେ, ମଣିଷ ମାରି

ସେ ଫେରାର୍ ।

ମରଦ ସିଂ ଡାକୁ ସର୍ଦ୍ଦାର ।

www.jatayu.org

# ଫରିଆଦ

କବି ରଘୁନାଥ ଦାସ

ଖୁନ୍ କରି, ମଣିଷ ମାରି

ମରଦ ସିଂ ଚମ୍ପଟ ଦିଏ

ଘଞ୍ଚ ଅଭାୟାରଣ୍ୟେ

ଯେଉଁଠି-

ଝୋପଡିଘରେ ଜାବୁଡିଧରେ

ଏକ ଆରେକେ

ଜୀବନ ଭରା ଦୈନ୍ୟ;

ଯେଉଁଠି

ଅଣଓସାରି ଖସରାଗଳି

ସାପ ଭଳି ମାରିଛି ସାତ ଟେକି,

ଓଗାଳି ବାଟ ରହିଛି ନାଗ

ଉଚ୍ଚେ ଫଣା ଟେକି,

ଆଉ, ଅନ୍ଧାର ଜମେ କୁଢ଼କୁ କୁଢ଼

ଶୋଇ ଯାଆନ୍ତି ଏକା ସାଥୀରେ

ମଣିଷ ଆଉ ମଢ଼,

www.jatayu.org

# ଫରିଆଦ

କବି ରଘୁନାଥ ଦାସ

www.jatayu.org

ଯେଉଁଠି

କଥା କଥାକେ ଛୁରି ଚାଲେ,

ଦାନ୍ତ ପଡେ ଝଡି,

ସେଇଠି ।

ସିଂହଗଡ ଉଠିଛି ସେଠି ଗଢ଼ି

ସେଇଠି ସିଏ ପୁଲିସ ସାଥେ ଲଢ଼ି

ମାନିନି ହାର, ଲଭିନି ପରାଜୟ ।

ସେହି ସେ ଗଡେ ମରଦ ସିଂ ରହେ,

ରହେ ବେପରବାଏ ।

କୋଚଟ କଳା ବସ୍ତି,

ଶାସ୍ତ୍ରୀବୁଢ଼ା ସାଥୀରେ ପରା

ଜମିଯାଇଛି ମିଆଁପୁଅର ଦୋସ୍ତି;

ହାଡିଆଭାଇ ବୁଲି ବିକୁଛି

ରାଗରାଗୁଆ ଚଣା;

ଆପାନ୍ନା ତେଣେ ମେଲି ଦେଇଛି

# ଫରିଆଦ

କବି ରଘୁନାଥ ଦାସ

ମସ୍‌ଗୁଲିଆ ଗାନା,
ନର୍ଦ୍ଦମାର ପୋଚ ସାଥୀରେ
ତାଡିର ଖୁସ୍‌ବୁ ମିଶେ
ଲାଲ ଗୁଲାପି ଗିଲାସଟାରେ
(କ'ଣ କହିବି?)
ଚୌଦଭୁବନ ଦିଶେ ।

ନେପଟା ଚାଳ
ବହଳ ଧୂଆଁ
ସନ୍ତିସନ୍ତିଆ ମାଟି,
ଭଣଭଣିଆ ଅଳିଆ ଗଦା
ଚାଞ୍ଚରା ଆଉତାଟି ।
ତା ଭିତରୁ ଉକୁଟି ଉଠେ
କୁଙ୍କୁମ ବାଈ
ଘୁଂଘୁର ନାଈ
ଘାଘର ଘିରି ଘିରି;
ଢ଼ୋଲକୀ ବାଜେ

www.jataayu.org

# ଫରିଆଦ

କବି ରଘୁନାଥ ଦାସ

ବାଈଜୀ ନାଚେ;

ସରଗ ଛାଡି ଓହ୍ଲାଇ ଆସେ ପରୀ ।

ଏ କଣେ ଶୁଏ ବକରୀଟାଏ

ସେ କଣେ ଶୁଏ ଗୋପିଆ ବଡବୋଲା;

ପଡିଶା ଘରେ ପାର୍ବତୀ ରହେ,

କୋଳରେ ତା'ର

ମା' ନଥିବା ବାପା ନଥିବା ପିଲା ।

ନେହି ସେ ଗଡେ ମରଦ ସିଂ

ବାଦଶାଟାଏ ଜାଣ;

ସେଠି ସେ ପାଏ

ସମାଜ ଯାହା ଦେଇନି ଭୁଲେ,

ମଣିଷ ହେବା ମାନ ।

ଖୋଦା, ହେ ମୋର ମହାପ୍ରଭୁ

ଜନମ ହେବା ଆଗୁ



www.jatayu.org

# ଫରିଆଦ

କବି ରଘୁନାଥ ଦାସ

ତୋ ପାଖେ ପରା ହଲପ କଲି

ମଣିଷ ହେବି ବୋଲି ।

ଦୁନିଆଁଟାରେ ମଣିଷ କାହିଁରେ?

କେଇଟା ବାଘ

ବାକିତକ ଛେଳି!!

ଅମାର ଘରେ କୋଳପ ଦେଇ

ଅମୀର ସାଜେ ଯେହୁ,

ମରଦ ସିଂହ ଚାହେଁ ରେ ଚାହେଁ

ତାହାରି ତାଜା ଲହୁ ।

ତୋପ ମୁହଁରେ କରେ ଯେ ଲୋପ

ଜନ୍ମଗତ ମଣିଷ ଅଧିକାର,

ପିସ୍ତଲ ଭରେ ତାହାରି ଲାଗି,

'ହେଲେ ହେବି ବା ଖୁନି, ଦାଗୀ

ଖପୁରୀ ତାର ଉଡ଼ାଇ ଦେବି;

ହାତକୁ କରି ଲାଲ୍ ।

ହେବନି କେବେ ହେବନି କେବେ

www.jatayu.org

# ଫରିଆଦ

କବି ରଘୁନାଥ ଦାସ

ସେ ଲାଗି ମନସ୍ତାପ ।

ଖୁନ୍ କରି, ଲୁଟ କରି, ମଣିଷ ମାରି

କର୍‌ଲି କିରା ପାପ୍?

ମହାପ୍ରଭୁ, ତୁ ତ ସବୁରି ବାପ୍,

କର୍ ନିଶାପ୍ ।

www.jataayu.org